## ଶତାବ୍ଦୀ ନେହେରୁ ହସ୍ପିଟାଲ ଶଯ୍ୟା ସଂଖ୍ୟା ୩୩୦ ହେବ

ଭୁବନେଶ୍ୱର, (ବ୍ୟୁରୋ): ତାଳଚେରସ୍ଥିତ ନେହେରୁ ଶତାବ୍ଦୀ ହସ୍ପିଟାଲର ଶଯ୍ୟା ସଂଖ୍ୟା ୩୩୦କୁ ବୃଦ୍ଧି କରାଯିବ। ଏବେ ସେଠାରେ ୧୦୦ ଶଯ୍ୟାରେ ଚିକିତ୍ସା ସେବା ଯୋଗାଇ ଦିଆଯାଉଛି। ଅକ୍ଟୋବର ଶେଷ ସୁଦ୍ଧା ହସ୍ପିଟାଲରେ ୩୩୦ ଶଯ୍ୟା ଉପଲବ୍ଧ ହେବ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ସଚିବ ଶାଳିନୀ ପଣ୍ଡିତଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ନିଷ୍ପତ୍ତି ହୋଇଛି।



## ଦୀନେଶ ସଭାପତି, ଅସିତ୍ ସମ୍ପାଦକ

ଢେଙ୍କାନାଳ ଅଫିସ, ୨୮।୩

ଢେଙ୍କାନାଳ ଜିଲା ଟ୍ରକ୍ ମାଲିକ ସଂଘର ବାର୍ଷିକ ବୈଠକ ଓ ନୂତନ କର୍ମକର୍ତ୍ତା ଚୟନ କୋରିଆଁସ୍ଥିତ ମହାଲକ୍ଷ୍ମୀ ଫ୍ଲାଏ ଆଶ୍ ବ୍ରିକ୍ସ ପରିସର ସଭାପତି ଦୀନେଶ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଭାବେ ପୁନର୍ବାର ଦୀନେଶ କୁମାର ପ୍ରଧାନ ମନୋନୀତ ହୋଇଛନ୍ତି। ସେହିପରି କାର୍ଯ୍ୟକାରୀ ସଭାପତି ଭାବେ ଦୟାନିଧି ଦାସ, ଉପସଭାପତି ଅଜିତ୍ କୁମାର ପ୍ରଧାନ, ବିଷ୍ଣୁପ୍ରସାଦ ମଲ୍ଲିକ, ଗୋବିନ୍ଦ ଷେଣ୍ଡଙ୍କୁ ଚୟନ କରାଯାଇଛି। ସମ୍ପାଦକ ଭାବେ ଅସିତ୍ ରଥ, ଯୁଗ୍ମ ସମ୍ପାଦକ ପ୍ରଶାନ୍ତ ରାଉତ, ଦିଲୀପ ମିଶ୍ର, କୋଷାଧ୍ୟକ୍ଷ ଭାବେ ମନମୋହନ ସାହୁଙ୍କୁ ମନୋନୀତ କରାଯାଇଛି। ବିରଞ୍ଚି ନାରାୟଣ ସାହୁ, ରାଜକିଶୋର ସାହୁ, ନିରାକାର ପୃଷ୍ଟି, ସଚ୍ଚିଦାନନ୍ଦ ବେହେରା ପ୍ରମୁଖ କାର୍ଯ୍ୟକାରୀ କମିଟିକୁ ମନୋନୀତ ହୋଇଛନ୍ତି। ଉପଦେଷ୍ଟାମଣ୍ଡଳୀରେ ରଞ୍ଜନ ମଲ୍ଲିକ, ବ୍ରହ୍ମାନନ୍ଦ ମଲ୍ଲିକ, ଅଜୟ ପଟ୍ଟନାୟକ, ଅଶୋକ ବେହେରା, ମହେନ୍ଦ୍ର ଦାସ, ବସନ୍ତ ବେହେରା ପ୍ରମୁଖ ସ୍ଥାନ ପାଇଛନ୍ତି।

# ସାଙ୍ଗିଆ କରିଛି ଅଡୁଆ

- ଜମିପଟ୍ଟାରେ ଶବର ଲେଖିବାକୁ ଦାବି
- ଗର୍ଜିଲା 'ଓଡ଼ିଶା ପ୍ରଜା ସଂଘର୍ଷ ସମିତି'

ଢେଙ୍କାନାଳ ଅଫିସ, ୨୮।୩



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନକାରୀମାନେ ଧାରଣାରେ ବସିଛନ୍ତି।

'ସଅର' ସାଙ୍ଗିଆ ପାଇଁ ଅଡୁଆରେ ପଡ଼ିଛନ୍ତି ଢେଙ୍କାନାଳ ଜିଲାରେ ବସବାସ କରୁଥିବା ଜନଜାତି ବର୍ଗର ଶତାଧିକ ପରିବାର। ଜିଲାର ଆର୍ଆଇମାନେ ଜମିପଟ୍ଟାରେ ସେମାନଙ୍କ ସାଙ୍ଗିଆ 'ଶବର' ପରିବର୍ତ୍ତେ 'ସଅର' ବୋଲି ଉଲ୍ଲେଖ କରୁଛନ୍ତି। ଫଳରେ ସେମାନଙ୍କୁ ଆଦିବାସୀ ମାନ୍ୟତା ମିଳିପାରୁନାହିଁ। ଏହାର ପ୍ରତିବାଦରେ ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଗର୍ଜିଛି 'ଓଡ଼ିଶା ପ୍ରଜା ସଂଘର୍ଷ ସମିତି'। ଜିଲାପାଳ ସରୋଜ କୁମାର ସେଠୀ ଧାରଣାସ୍ଥଳରେ ପହଞ୍ଚି ଏକ କମିଟି ଗଠନ କରାଯାଇ ବିସ୍ତୃତ ଆଲୋଚନା ପରେ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

ଅଭିଯୋଗ ଅନୁଯାୟୀ, ଜମି ପଟ୍ଟାରେ 'ଶବର' ବଦଳରେ 'ସଅର' ଲେଖାଯାଉଥିବାରୁ ଜିଲାର ବହୁ ଜନଜାତି ପରିବାର ନ୍ୟାଯ୍ୟ ଦାବିରୁ ବଞ୍ଚିତ ହେଉଛନ୍ତି। ଏହାର ସମାଧାନ ଲାଗି ଉତ୍ତରାଞ୍ଚଳ ରାଜସ୍ୱ କମିଶନର ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତହସିଲଦାରମାନେ ଏ ଦିଗରେ ପଦକ୍ଷେପ ନେବାକୁ ଆର୍ଆଇଙ୍କୁ ଜଣାଇବା ସତ୍ତ୍ୱେ ତ୍ରୁଟିପୂର୍ଣ୍ଣ ରିପୋର୍ଟ ପ୍ରଦାନ କରାଯାଉଛି। ଏହାର ପ୍ରତିବାଦରେ 'ଓଡ଼ିଶା ପ୍ରଜା ସଂଘର୍ଷ ସମିତି' ପକ୍ଷରୁ ପୂର୍ବାହ୍ନ ୧୧ଟାରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ଏଥିପୂର୍ବରୁ ପୂର୍ବାହ୍ନ ୧୦ଟାରେ ବାଜିଚୌକ୍‌ଠାରୁ ଏକ ବିଶାଳ ଶୋଭାଯାତ୍ରା ବାହାରିଥିଲା। ଆନ୍ଦୋଳନକାରୀମାନେ ପାରମ୍ପରିକ ବେଶଭୂଷାରେ ସଜ୍ଜିତ ହୋଇ ଆଦିବାସୀ ନୃତ୍ୟଗୀତର ତାଳେତାଳେ ଜିଲା କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ପ୍ରତିବାଦ କରିଥିଲେ। ପ୍ରବଳ ଖରା ସତ୍ତ୍ୱେ ସେମାନେ ଛୋଟ ପିଲାଙ୍କୁ ଧରି ଧାରଣାରେ ବସିଥିଲେ। 'ଓଡ଼ିଶା ପ୍ରଜା ସଂଘର୍ଷ ସମିତି' ଅଧ୍ୟକ୍ଷ ଇଂ. ଦେବାଶିଷ ହୋତାଙ୍କ ସହ ଜିଲାପାଳ ନିଜ ପ୍ରକୋଷ୍ଠରେ ଆଲୋଚନା କରିଥିଲେ। ହେଲେ ଏହା ଫଳପ୍ରଦ ହୋଇ ନ ଥିଲା। ଏହାପରେ ବରିଷ୍ଠ ପୋଲିସ ଅଧିକାରୀ ଓ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ବୁଝାସୁଝା କରାଯାଇଥିଲେ ମଧ୍ୟ ଧାରଣାକାରୀ ଜିଦ୍‌ରେ ଅଟଳ ରହିଥିଲେ। ତେବେ ରାତି ୮ରେ ଜିଲାପାଳଙ୍କ ପ୍ରତିଶ୍ରୁତି ପରେ ଧାରଣା ହଟିଛି। ଅତିରିକ୍ତ ଜିଲାପାଳ ଉଦୟ କୁମାର ମହାପାତ୍ର, ଟାଉନ ଥାନାଧିକାରୀ ରାଜେନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଆଇନଶୃଙ୍ଖଳା ସ୍ଥିତି ଉପୁଜିବା ଆଶଙ୍କାରେ ପୋଲିସ ମୁତୟନ କରାଯାଇଥିଲା।

ସୂଚନାଯୋଗ୍ୟ, ରାଜ୍ୟ ଏସ୍‌ସି/ଏସ୍‌ଟି ଉନ୍ନୟନ ବିଭାଗ ୨୦୦୯ ଜୁନ୍ ୧୨ରେ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ବିଭାଗକୁ ଏକ ଚିଠି ଲେଖିଥିଲା। ତଦନୁଯାୟୀ ଜମିପଟ୍ଟାରେ ଜାତି ସ୍ଥାନରେ 'ସଅର'କୁ କାଟି 'ଶବର' ଲେଖିବା ପାଇଁ ଜିଲାପାଳଙ୍କୁ ବୋର୍ଡ ଅଫ୍ ରେଭେନ୍ୟୁ କ୍ଷମତା ପ୍ରଦାନ କରିବା ଲାଗି ତତ୍କାଳୀନ ବିଭାଗୀୟ ପ୍ରମୁଖ ସଚିବ ଅନୁରୋଧ କରିଥିଲେ। ହେଲେ ସମସ୍ୟାର ସମାଧାନ ହୋଇପାରିଲା ନାହିଁ। ଏହାର ପ୍ରତିବାଦରେ ୨୦୨୨ ମାର୍ଚ୍ଚ ୩୦ରେ କଟକ ବୋର୍ଡ ଅଫ୍ ରେଭେନ୍ୟୁ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରାଯାଇଥିଲା। ତଥାପି ଆର୍ଆଇମାନେ ବିଭାଗୀୟ ନିର୍ଦ୍ଦେଶ ପାଳନ କରୁ ନ ଥିବାରୁ ସ୍ଥିତି ଜଟିଳ ହେବାରେ ଲାଗିଛି। ଜିଲାର ୧,୨୧୫ ଶବର ଆଦିବାସୀଙ୍କ ରିପୋର୍ଟ ଠିକ୍ କରି ନ ଦେବା ଯାଏ ଆନ୍ଦୋଳନ ଜାରି ରହିବ ବୋଲି 'ଓଡ଼ିଶା ପ୍ରଜା ସଂଘର୍ଷ ସମିତି'ର ଅଧ୍ୟକ୍ଷ ଦେବାଶିଷ ଚେତାବନୀ ଦେଇଛନ୍ତି।

## ଅସହାୟ ମହିଳାଙ୍କୁ ସହାୟତା

ଢେଙ୍କାନାଳ ଅଫିସ, ୨୮।୩

ସ୍ୱାମୀଙ୍କ ଦେହାନ୍ତ ପରେ ଅସହାୟା ହୋଇପଡ଼ିଥିବା ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ପାଟମନ୍ଦିର ଗ୍ରାମର ଜ୍ୟୋତି ମଞ୍ଜରୀ ସାହୁଙ୍କୁ ପ୍ରଶାସନ ପକ୍ଷରୁ ମଙ୍ଗଳବାର ସହାୟତା ପ୍ରଦାନ କରାଯାଇଛି। ଜିଲାପାଳ ସରୋଜ କୁମାର ସେଠୀ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ତାଙ୍କୁ ୧୦ ହଜାର ଟଙ୍କା ଚେକ୍ ଏବଂ ଜିଲା ରେଡ୍‌କ୍ରସ୍ ପାଣ୍ଠିରୁ ଏକ ସିଲାଇ ମେଶିନ ପ୍ରଦାନ କରିଛନ୍ତି। ସ୍ୱାମୀଙ୍କ ଅନ୍ତେ ଜ୍ୟୋତିମଞ୍ଜରୀଙ୍କ ପକ୍ଷେ ପରିବାର ଚଳାଇବା କଷ୍ଟକର ହୋଇପଡ଼ିଥିଲା। ସେ ସହାୟତା ପାଇଁ ଜିଲାପାଳଙ୍କୁ ଗୁହାରି କରିଥିଲେ। ଜିଲା ଜରୁରୀ ଓ ଆପତକାଳିନ ଅଧିକାରୀ ଲୋପାମୁଦ୍ରା ରଥ ଉପସ୍ଥିତ ଥିଲେ।

## ବେଆଇନ ବାଲି ଚାଲାଣ, ଜଣେ ଗିରଫ

ଢେଙ୍କାନାଳ ଅଫିସ, ୨୮।୩

ଢେଙ୍କାନାଳ ଜିଲା ନିହାଲପ୍ରସାଦ ଥାନା ଅଞ୍ଚଳରେ ବେଆଇନ ଭାବେ ବାଲି ଚାଲାଣ ହେଉଥିବାବେଳେ ଏକ ଟ୍ରାକ୍ଟରକୁ ସ୍ଥାନୀୟ ତହସିଲ ଅଧିକାରୀ ଜବତ କରିଛନ୍ତି। ଜବତ ଟ୍ରାକ୍ଟରକୁ ଥାନା ଜିମା ଦିଆଯାଇଛି। ଟ୍ରାକ୍ଟର ମାଲିକଙ୍କଠାରୁ ୩ ଲକ୍ଷ ଟଙ୍କା ଜରିମାନା ଆଦାୟ କରାଯାଇଛି। ଏହି ଘଟଣାରେ ଜଣେ ଗିରଫ ହୋଇଥିବା ସଦର ଏସ୍‌ଡିପିଓ ସୂର୍ଯ୍ୟମଣି ପ୍ରଧାନ ସୂଚନା ପ୍ରଦାନ କରିଛନ୍ତି।

## ଗାଡ଼ି ଚଳାଇ ଧରାପଡ଼ିଲେ ୩ ନାବାଳକ



ଯାଞ୍ଚ ବେଳେ ଜଣେ ନାବାଳକ ଧରାପଡ଼ିଛନ୍ତି।

ଢେଙ୍କାନାଳ ଅଫିସ, ୨୮।୩

ଲାଇସେନ୍ସ ନ ଥାଇ ଗାଡ଼ିଚାଳନା ଅଭିଯୋଗରେ ଢେଙ୍କାନାଳ ଜିଲା ଆଞ୍ଚଳିକ ପରିବହନ ବିଭାଗ କର୍ମକର୍ତ୍ତାଙ୍କ ହାତରେ ମଙ୍ଗଳବାର ଧରାପଡ଼ିଛନ୍ତି ୩ ନାବାଳକ। ସମ୍ପୃକ୍ତ ପିଲାମାନଙ୍କ ଅଭିଭାବକମାନେ ୨୫,୦୦୦ ଟଙ୍କା ଲେଖାଏ ଦଣ୍ଡ ଗଣି ବାଇକ୍ ଏବଂ ସ୍କୁଟି ମୁକୁଳାଇଛନ୍ତି।

୧୮ ବର୍ଷରୁ କମ୍ ବୟସର ନାବାଳିକା, ନାବାଳକ ଗାଡ଼ି ଚଳାଇବା ଦଣ୍ଡନୀୟ ଅପରାଧ। ଏହାସତ୍ତ୍ୱେ ନିୟମ ଉଲ୍ଲଂଘନ କରି ବିଭିନ୍ନ ସ୍ଥାନରେ କୋମଳମତି ପିଲାମାନେ ବିପଜ୍ଜନକ ଭାବେ ଗାଡ଼ି ଚଳାଉଛନ୍ତି। ଏହା ଉପରେ ଅଙ୍କୁଶ ଲଗାଇବା ପାଇଁ ସାରା ରାଜ୍ୟରେ ସ୍ୱତନ୍ତ୍ର ଡ୍ରାଇଭ୍ ଆରମ୍ଭ ହୋଇଛି। ତଦନୁଯାୟୀ ମଙ୍ଗଳବାର ଢେଙ୍କାନାଳ ଜିଲାରେ ବିଭିନ୍ନ ସ୍ଥାନରେ ଯାନବାହନ ଯାଞ୍ଚ କରାଯାଇଥିଲା। ମାଟ୍ରିକ୍ ପରୀକ୍ଷା ଦେଇଥିବା ଜଣେ ଛାତ୍ର ସ୍କୁଟି ମରାମତି କରିବା ପାଇଁ ଗ୍ୟାରେଜଙ୍କୁ ଆସୁଥିବାବେଳେ କପିଳାସ ରୋଡ୍‌ରେ ଧରାପଡ଼ିଥିଲେ। ସେହିପରି ଢେଙ୍କାନାଳ-ଭାପୁର ରାସ୍ତାର କେନ୍ଦ୍ରୀୟ ବିଦ୍ୟାଳୟ ଛକ ନିକଟରୁ ଜଣେ ନାବାଳକ ଏବଂ ଘରକୁ ଯିବା ବେଳେ ଜଣେ ଆଇଟିଆଇ ଛାତ୍ର ଧରାପଡ଼ିଥିଲେ। ଜିଲା ଆଞ୍ଚଳିକ ପରିବହନ ଅଧିକାରୀ ପ୍ରଣୟ ମିଶ୍ରଙ୍କ ନିର୍ଦ୍ଦେଶରେ ଟ୍ରାଫିକ ଇନ୍ସପେକ୍ଟର ସୀତାଂଶୁ ଶେଖର ବେହେରା ବିଭାଗୀୟ କର୍ମଚାରୀଙ୍କ ସହ ଚଢ଼ାଉରେ ସାମିଲ ହୋଇଥିଲେ।

## ପଞ୍ଚାୟତ ସଙ୍ଗଠନ ସୁଦୃଢ଼ କରିବାକୁ ଆହ୍ୱାନ

ଭୁବନ, ୨୮।୩(ଡି.ଏନ୍.ଏ.)

ଭୁବନ ବୁଦ୍ଧେଶ୍ୱର ମନ୍ଦିରରେ ଆମ୍ ଆଦ୍‌ମୀ ପାର୍ଟି (ଏଏପି)ର ପଞ୍ଚାୟତ ପ୍ରତିନିଧିଙ୍କ ସମ୍ମିଳନୀ ବ୍ଲକ ସଭାପତି ସଞ୍ଜୟ ମହାରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲା ସଭାପତି ପଙ୍କଜ କୁମାର ନାୟକ ଯୋଗଦେଇ ପଞ୍ଚାୟତସ୍ତରରେ ସଙ୍ଗଠନକୁ ସୁଦୃଢ଼ କରିବାକୁ ଆହ୍ୱାନ ଦେଇଥିଲେ। ବ୍ଲକ ସଭାପତି ମହାରଣା, ଭୁବନ ଏନ୍‌ଏସିର ଲୁଲୁ ସାହୁଙ୍କୁ ବିଭିନ୍ନ ୱାର୍ଡ ଏବଂ ପଞ୍ଚାୟତର ଦାୟିତ୍ୱ ଦିଆଯାଇଥିଲା। ଏନ୍‌ଏସିର ୩ନଂ. ୱାର୍ଡ ଗୋଡ଼ିପାଟଣାରେ ପାନୀୟ ଜଳ ସମସ୍ୟାର ସମାଧାନ ଲାଗି ସହରାଞ୍ଚଳ ଜଳ ଯୋଗାଣ ଅଧିକାରୀଙ୍କ ସହିତ ଫୋନ ଯୋଗେ ଆଲୋଚନା କରାଯାଇଛି। ରଞ୍ଜୁବାଳା ନାୟକଙ୍କୁ କାମାକ୍ଷାନଗର ନିର୍ବାଚନମଣ୍ଡଳୀର ସଭାନେତ୍ରୀ ଦାୟିତ୍ୱ ଦିଆଯାଇଛି। ବିଭୁ ରଞ୍ଜନ ସାହୁ, ବିଷ୍ଣୁ ପ୍ରସାଦ ପଣ୍ଡା, ଜିତେନ୍ଦ୍ର ବେହେରା, ମଧୁସୂଦନ ମଲ୍ଲିକ, ବାଦଲ ମଲ୍ଲିକ, ଗଗନ ମଲ୍ଲିକ, ତ୍ରିଲୋଚନ ବେହେରା, ସତ୍ୟପ୍ରିୟ ରାଉତ, ଶେଷଦେବ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ କିକ୍‌ବକ୍ସିଂ
# ରୋଶନୀଙ୍କୁ ବ୍ରୋଞ୍ଜ୍ ପଦକ

ଢେଙ୍କାନାଳ ଅଫିସ, ୨୮।୩

ଉତ୍ତରପ୍ରଦେଶର ଜୋନପୁରଠାରେ ଗତ ୨୦ରୁ ୨୨ ତାରିଖ ପର୍ଯ୍ୟନ୍ତ ଆୟୋଜିତ ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ କିକ୍ ବକ୍ସିଂ ପ୍ରତିଯୋଗିତାର ୬୦ କି.ଗ୍ରା. ମହିଳା ବର୍ଗରେ ଢେଙ୍କାନାଳର ରୋଶ୍‌ନୀ ବେଗମ ବ୍ରୋଞ୍ଜ୍ ପଦକ ଜିତିଛନ୍ତି। ରୋଶନୀ ହେଉଛନ୍ତି ହିନ୍ଦୋଳ ବ୍ଲକ ଜନତା କଲେଜର ଯୁକ୍ତ ୩ ପ୍ରଥମ ବର୍ଷ କଳା ବିଭାଗ ଛାତ୍ରୀ। ମଙ୍ଗଳବାର ଢେଙ୍କାନାଳରେ ପହଞ୍ଚିବା ପରେ ତାଙ୍କୁ ଜିଲା କାର୍ଯ୍ୟାଳୟରେ ଜିଲାପାଳ ସରୋଜ କୁମାର ସେଠୀ ସମ୍ବର୍ଦ୍ଧିତ କରିଥିଲେ। ଜିଲା କ୍ରୀଡ଼ା ଅଧିକାରୀ ପ୍ରଦୀପ୍ତ ମହାନ୍ତି ଉପସ୍ଥିତ ଥିଲେ। ରୋଶ୍‌ନୀଙ୍କ ଏହି ସଫଳତାରେ କଲେଜର ଅଧ୍ୟାପିକା ଅଧ୍ୟାପକ ଶୁଭେଚ୍ଛା ଜଣାଇଛନ୍ତି ।



ରୋଶନୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ସେବା ପ୍ରଦାନରେ ତତ୍ପରତା ଜରୁରୀ

ଢେଙ୍କାନାଳ ଅଫିସ, ୨୮।୩

**ବିଏସ୍‌ଏନ୍‌ଏଲ୍ ଆଡଭାଇଜରି କମିଟି ବୈଠକ**

ଢେଙ୍କାନାଳ ବିଏସ୍‌ଏନ୍‌ଏଲ୍ କାର୍ଯ୍ୟାଳୟ ସଭାଗୃହରେ ବିଏସ୍‌ଏନ୍‌ଏଲ୍ ଆଡଭାଇଜରି କମିଟି ବୈଠକ ଏମ୍‌ପି ମହେଶ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏମ୍‌ପି କହିଲେ, ଅନୁଗୋଳ ଓ ଢେଙ୍କାନାଳ ସଂସଦୀୟ କ୍ଷେତ୍ରର ପ୍ରତି ଘରେ ବିଏସ୍‌ଏନ୍‌ଏଲ୍ ନେଟ୍‌ୱର୍କ ପହଞ୍ଚି ପାରିଲେ ଏହା ସୁଦୁରପ୍ରସାରୀ ହୋଇପାରିବ। ଏ ଦିଗରେ ବିଏସ୍‌ଏନ୍‌ଏଲ୍ କର୍ତ୍ତୃପକ୍ଷ ତତ୍ପରତା ଅବଲମ୍ବନ କରିବା ଜରୁରୀ ବୋଲି ଏମ୍‌ପି କହିଛନ୍ତି। ବିଏସ୍‌ଏନ୍‌ଏଲ୍ ଜେନେରାଲ୍ ମ୍ୟାନେଜର ସଞ୍ଜୀବ କୁମାର ଦାସ, ଡିଜିଏମ୍ ସଞ୍ଜୟ କୁମାର ଶତପଥୀ, ଆଇଏଫ୍‌ଏ ବଳରାମ ମିଶ୍ର, ସଦସ୍ୟ ସଦାଶିବ ମହାପାତ୍ର, ଶ୍ୟାମସୁନ୍ଦର ସାହୁ, ଅନୁଗୋଳ ଜିଲାର ସଦସ୍ୟ ପର୍ଶୁରାମ ଦାସ, ଏମ୍‌ପିଙ୍କ ପ୍ରତିନିଧି ରୁଦ୍ରାନ୍ତ ଦଳେଇ, ପ୍ରତାପ ଦାସ, ଆଇଟି ସେଲ୍‌ର ମହେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ବରିଷ୍ଠ ଅଧିକାରୀ ହୃଷୀକେଶ ପଣ୍ଡା ବୈଠକ ସଞ୍ଚାଳନ କରିଥିବା ବେଳେ ବଳରାମ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।



ବୈଠକରେ ଏମ୍‌ପିଙ୍କ ସମେତ ଅନ୍ୟମାନେ।

## ପ୍ରଦୀପ୍ତ ସଭାପତି, ସନନ୍ତ ସମ୍ପାଦକ



ପରଜଙ୍ଗ ଓକିଲ ସଂଘର ନବନିର୍ବାଚିତ କର୍ମକର୍ତ୍ତା।

ପରଜଙ୍ଗ, ୨୮।୩(ଡି.ଏନ୍.ଏ.)

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ଓକିଲ ସଂଘର ସମସ୍ତ କର୍ମକର୍ତ୍ତା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସଭାପତି ଭାବେ ପ୍ରଦୀପ୍ତ କୁମାର ସାମନ୍ତ, ଉପସଭାପତି ଅଶୋକ କୁମାର ଦଳବେହେରା, ସମ୍ପାଦକ ସନନ୍ତ କୁମାର ସାହୁ, ସହ ସମ୍ପାଦକ ନିରଞ୍ଜନ ସାହୁ, କୋଷାଧ୍ୟକ୍ଷ ଗିରୀଶ ଚନ୍ଦ୍ର ମହାପାତ୍ର ଏବଂ କାର୍ଯ୍ୟକାରିଣୀ ସଭ୍ୟ ଭାବେ ସୁଧାକର ଧଳ, ସଦାଶିବ ମଲ୍ଲିକ, ଅରବିନ୍ଦ ସାହୁ, ଦୁଃଶାସନ ରାଉତ ପ୍ରମୁଖ ନିର୍ବାଚିତ ହୋଇଛନ୍ତି। ମଙ୍ଗଳବାର ନବନିର୍ବାଚିତ କର୍ମକର୍ତ୍ତାମାନେ ଶପଥ ଗ୍ରହଣ କରିଥିଲେ। ବରିଷ୍ଠ ଓକିଲ ପ୍ରଦୀପ କୁମାର ସାହୁ (ଖ) ସମସ୍ତଙ୍କୁ ଶପଥ ପାଠ କରାଇଥିଲେ।

## ୧ରୁ କାଠ କଣ୍ଢେଇ ତିଆରି ପ୍ରଶିକ୍ଷଣ




ଢେଙ୍କାନାଳ ଅଫିସ, ୨୮।୩

ଜୀବିକା ଓ ଉଦ୍ୟୋଗ ବିକାଶ କାର୍ଯ୍ୟକ୍ରମ ଆନୁକୂଲ୍ୟରେ ଢେଙ୍କାନାଳ ଜିଲା ଗଁଦିଆ ବ୍ଲକର ୯୦ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏସ୍‌ଜି) ସଦସ୍ୟଙ୍କୁ ଏପ୍ରିଲ୍ ପହିଲାରୁ କାଠ କଣ୍ଢେଇ ତିଆରି ପ୍ରଶିକ୍ଷଣ ଦିଆଯିବ। ନାବାର୍ଡ ଆଞ୍ଚଳିକ କାର୍ଯ୍ୟାଳୟ ଏବଂ ସ୍ୱେଚ୍ଛାସେବୀ ସଂସ୍ଥା 'ନ୍ୟୁ ଇଣ୍ଡିଆ'ର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାଙ୍କୁ ରୋଜଗାରକ୍ଷମ କରାଇବା ଏହି ପ୍ରଶିକ୍ଷଣ ଶିବିରର ମୁଖ୍ୟ ଲକ୍ଷ୍ୟ। ଏ ସଂକ୍ରାନ୍ତରେ ଏକ ବୈଠକ ନାବାର୍ଡର ଜିଲା ବିକାଶ ପରିଚାଳକ ପ୍ରଶାନ୍ତ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ କମିଟି ସଦସ୍ୟ ତଥା ଆକ୍ସିସ ବ୍ୟାଙ୍କ ଗଁଦିଆ ଶାଖାର ଉପ ପରିଚାଳକ ସତ୍ୟଜିତ କର, କବିତା ରାଉତ, ସଦାନନ୍ଦ ଓଝା, କୈଳାସ ଚନ୍ଦ୍ର ରାଉତ, ନ୍ୟୁ ଇଣ୍ଡିଆ ସମ୍ପାଦକ ଶେଷଦେବ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ସେଣ୍ଟ ଜାଭିୟର୍ସ ମଣ୍ଟେସୋରି ସ୍କୁଲର ବାର୍ଷିକ ଉତ୍ସବ



ଢେଙ୍କାନାଳ ଅଫିସ, ୨୮।୩

ଢେଙ୍କାନାଳ ଗାୟତ୍ରୀ ନଗରସ୍ଥିତ ସେଣ୍ଟ ଜାଭିୟର୍ସ ମଣ୍ଟେସୋରି ସ୍କୁଲର ବାର୍ଷିକ ଉତ୍ସବ 'ନମନ୍-୨୦୨୩' ସ୍ଥାନୀୟ କମଳା ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ନିର୍ଦ୍ଦେଶକ ସୁଶାନ୍ତ ପ୍ରିୟଦର୍ଶୀଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ବିନୋଦ ବିହାରୀ ଯୋଗଦେଇ କହିଲେ, ପାଠ୍ୟପୁସ୍ତକ ଜ୍ଞାନ ସହିତ ବୌଦ୍ଧିକ ଜ୍ଞାନର ବିକାଶ ଜରୁରୀ। ସମ୍ମାନିତ ଅତିଥି ଭାବେ ଶିଶୁ ପ୍ରବଚକ କେଶବ ଦାସ ଦ୍ୱିତୀକୃଷ୍ଣ ଯୋଗଦେଇ ପିଲାଙ୍କ ଚରିତ୍ର ଗଠନକୁ ଗୁରୁତ୍ୱ ଦେବାକୁ ଅଭିଭାବକଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଶିଶୁ କଣ୍ଠଶିଳ୍ପୀ ଶାନ୍ତନୁ ମହାନ୍ତି, ବୈଷ୍ଣବୀ ମିଶ୍ର, ମୌସୁମୀ ଦାସ ଯୋଗଦେଇଥିଲେ।

ଶ୍ରେଷ୍ଠ ଅଭିଭାବକ ଭାବେ ବଂଶୀଧର ପଣ୍ଡା, ରମେଶ ଚନ୍ଦ୍ର ପଲେଇ, ସୁଧାଂଶୁ ବେହେରା, ପ୍ରଭାକର ଦାସ, ଶୈଳେଶ୍ କୋଟାକ୍, ଶ୍ରେଷ୍ଠ ଶିକ୍ଷକ ଲକ୍ଷ୍ମୀଧର ନାୟକ, ସୁଶ୍ରୀ ମଧୁପ୍ରିୟାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶ୍ରେଷ୍ଠ ଛାତ୍ରୀଛାତ୍ର ଭାବେ ଶିବାଙ୍ଗୀ ପାଲ୍, ପ୍ରୀମାଂଶୀ ସାହୁ, ଗୁର୍ବୀ ପ୍ରଧାନ, ଆରାଧ ପାଣି, ସିଲୋନୀ ସିଂ, ମଞ୍ଜରୀ ମହାପାତ୍ର ସମ୍ମାନିତ ହୋଇଥିଲେ। ନିର୍ଦ୍ଦେଶକ ସୁଶାନ୍ତ ପ୍ରିୟଦର୍ଶୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷୟିତ୍ରୀ ରାଧାରାଣୀ ପତି, କମଳ ମଲ୍ଲିକ, ସୁକାନ୍ତ ସିଂ, ପ୍ରିୟଙ୍କା ସ୍ୱାଇଁ, ସାଧନା ନାୟକ, ଅର୍ଚ୍ଚନା ଦାସ, ଲୀନା ଚାନ୍ଦ ସାହୁ, ଶାଶ୍ୱତୀ ମିଶ୍ର, ରାମନାଥ ପାତ୍ର, ସୁଧାକର ଜେନା ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# 'ଜୁନ୍ ସୁଦ୍ଧା ଜିଲାକୁ ଦୁର୍ଗମ ଅଞ୍ଚଳ ମୁକ୍ତ କର'

ଢେଙ୍କାନାଳ ଅଫିସ, ୨୮।୩

**'ମୋ ବ୍ଲକ-ମୋ ଢେଙ୍କାନାଳ' ସମୀକ୍ଷା**

ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ମଙ୍ଗଳବାର 'ମୋ ବ୍ଲକ-ମୋ ଢେଙ୍କାନାଳ' ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସରୋଜ କୁମାର ସେଠୀ ଏଥିରେ ଅଧ୍ୟକ୍ଷତା କରି ଜୁନ୍ ସୁଦ୍ଧା ଜିଲାକୁ ଦୁର୍ଗମ ଅଞ୍ଚଳ ମୁକ୍ତ କରିବା ଲାଗି ବିଶେଷ ଧ୍ୟାନଦେବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଉପାନ୍ତ ଅଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟର ବିକାଶ, ସାମଗ୍ରିକ ଉନ୍ନତି ଯେପରି ହୋଇପାରିବ, ସେଥିପ୍ରତି ଗୁରୁତ୍ୱ ଦେବାକୁ ଜିଲାପାଳ ସମ୍ପୃକ୍ତ ଅଞ୍ଚଳର ବିଡିଓଙ୍କୁଙ୍କୁ ପରାମର୍ଶ ଦେଇଛନ୍ତି।

ଅଙ୍ଗନୱାଡି କେନ୍ଦ୍ର, ବିଦ୍ୟାଳୟରେ ପାନୀୟଜଳ ଯୋଗାଣ, ଶୌଚାଳୟ ସୁବିଧା, ଶତ ପ୍ରତିଶତ ବିଦ୍ୟୁତ୍ ଯୋଗାଣ, ଆନୁଷଙ୍ଗିକ ଭିତ୍ତିଭୂମି ନିର୍ମାଣ, ଦୁର୍ଗମ ଅଞ୍ଚଳବାସୀଙ୍କୁ ସହଜରେ ଖାଉଟି ସାମଗ୍ରୀ ଯୋଗାଣ, ଯୋଗ୍ୟ ହିତାଧିକାରୀଙ୍କୁ ଯଥାଶୀଘ୍ର ଭତ୍ତା ପ୍ରଦାନ, ବାଲ୍ୟ ବିବାହ ରୋକିବା, ପଞ୍ଚାୟତରେ ବିବାହ ପଞ୍ଜୀକରଣ ବ୍ୟବସ୍ଥା, ସ୍ୱାସ୍ଥ୍ୟକେନ୍ଦ୍ରରେ ଗୁଣାତ୍ମକ ସେବା, ସ୍ୱାସ୍ଥ୍ୟ ଅନୁଷ୍ଠାନଗୁଡ଼ିକରେ ଗ୍ରୀଷ୍ମପ୍ରବାହ ସମୟରେ ଅଂଶୁଘାତ ରୋଗୀଙ୍କ ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା ଆଦି ସମ୍ପର୍କରେ ଆଲୋଚନା କରାଯାଇଥିଲା।

ଅତିରିକ୍ତ ଜିଲାପାଳ (ରାଜସ୍ୱ) ଉଦୟ କୁମାର ମହାପାତ୍ର, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅଶୋକ କୁମାର ଦାସ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତନ୍ମୟ କୁମାର ଦରୱାନ, ଅତିରିକ୍ତ ନିର୍ବାହୀ ଅଧିକାରୀ ସରୋଜ କୁମାର ଦତ୍ତ, ଢେଙ୍କାନାଳ ଉପଜିଲାପାଳ ସ୍ନିଗ୍ଧାରାଣୀ ଧଳ, କାମାକ୍ଷାନଗର ଉପଜିଲାପାଳ ଜ୍ୟୋତିଶଙ୍କର ସାହୁଙ୍କ ସମେତ ସମସ୍ତ ବ୍ଲକର ବିଡିଓ, ତହସିଲଦାର ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରଥିଲେ।




ବୈଠକରେ ଜିଲାପାଳ ଓ ଅନ୍ୟ ପ୍ରଶାସନିକ ଅଧିକାରୀମାନେ।

